## ସଂକ୍ଷେପରେ

### ୧୫ରୁ ଚାଷୀ ପଞ୍ଜୀକରଣ

ଭଞ୍ଜନଗର, ୧୩।୭ (ବାବୁଲା ପ୍ରଧାନ)

ଖରିଫ୍ ଋତୁରେ ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଣ୍ଡିରେ ଧାନ ଦେବାକୁ ଥିବା ଯୋଗ୍ୟ ଚାଷୀଙ୍କ ନାମ ଅନଲାଇନ୍‌ରେ କିଭଳି ପଞ୍ଜୀକରଣ ହେବ ସେ ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଭିଡିଓ କନଫରେନ୍ସ ମାଧ୍ୟମରେ ସମୀକ୍ଷା କରାଯାଇଥିଲା। ଭଞ୍ଜନଗର ବ୍ଲକର ବିଭିନ୍ନ ସୋସାଇଟି କର୍ମକର୍ତ୍ତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜୁଲାଇ ୧୫ ତାରିଖରୁ ଚାଷୀଙ୍କ ନାମ ପଞ୍ଜୀକରଣ ଆରମ୍ଭ ହୋଇ ଅଗଷ୍ଟ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ଚାଷୀମାନେ ନିଜ ଜମିର କାଗଜପତ୍ର, ଆଧାର କାର୍ଡ ନକଲ ଆଦି ସୋସାଇଟି ସମ୍ପାଦକମାନଙ୍କୁ ଦେବେ। ସମ୍ପାଦକ ଚାଷୀଙ୍କ ନାମକୁ ଯୋଡ଼ିବେ। ବିଗତ ଦିନରେ ଅନେକ ଅଯୋଗ୍ୟ ଚାଷୀଙ୍କ ନାମ ବେଆଇନ ଭାବେ ପଞ୍ଜୀକରଣ ହୋଇଯାଉଥିଲା। ଚଳିତ ବର୍ଷ ସମ୍ପୂର୍ଣ୍ଣ ନିର୍ଭୁଲ ଚାଷୀ ତାଲିକା କିଭଳି ହେବ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭାଗ ଚାଷୀମାନେ ମଧ୍ୟ ଆବଶ୍ୟକ କାଗଜପତ୍ର ଦାଖଲ କରି ନିଜ ନାମକୁ ଯୋଡି ପାରିବେ।

### କେଟିଏନ୍‌ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ

ଛତ୍ରପୁର, ୧୩।୭ (ଦିଲୀପ ସାମଲ)

ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ଓ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପ୍ରଧାନ ଶିକ୍ଷକ ମଧୁମିତା ମହାନ୍ତିଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ରୋଟାରୀ କ୍ଲବ ସଭାପତି ଜୟନ୍ତ କିଶୋର ପାତ୍ର ଓ ସଂପାଦକ ଏସ.ଦୁର୍ଗା ରାଓ, ପ୍ରୋଜେକ୍ଟ ଡାଇରେକ୍ଟର କାମରାଜୁ ମହାରଣା, ଗଦାଧର ରାଉଳ, ଅସିତ ଦତ୍ତ, ଲିଙ୍ଗରାଜ ନାୟକ ଅତିଥି ରୂପେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ, ମଞ୍ଚର ଉପଦେଷ୍ଟା କୋରା ମହାରଣା କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୁନିଲ କୁମାର ଶତପଥି, ସୁରେଶ କୁମାର ସାହୁ, ସୁଦାମ ଷଣ୍ଢ ଓ ରୁଫିନା ମଲ୍ଲିକ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ବନ ମହୋତ୍ସବ ପାଳିତ

ପାଟପୁର ୧୩।୭ (ସୀମାଞ୍ଚଳ ସାହୁ)

ପୃଥିବୀରେ ତାପମାତ୍ରା ବୃଦ୍ଧିର କୁପରିଣାମ ଓ ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ରୋକିବା ପାଇଁ ସବୁଜ ବଳୟର ସୃଷ୍ଟି କରିବା ସହିତ ବ୍ୟାପକ ବୃକ୍ଷରୋପଣ ଓ ବୃକ୍ଷର ସୁରକ୍ଷା ରଖିବା ହିଁ ଏକମାତ୍ର ବିକଳ୍ପ ବୋଲି ସାନଖେମୁଣ୍ଡିରେ ଆୟୋଜିତ ବନ ମହୋତ୍ସବ ପାଳନ ଅବସରରେ ବରିଷ୍ଠ ବୈଜ୍ଞାନିକ ବିନୋଦଚନ୍ଦ୍ର ସାବତ ମତବ୍ୟକ୍ତ କରିଛନ୍ତି। ଶକ୍ତି ସଞ୍ଚୟ ଓ ପରିବେଶ ସୁରକ୍ଷାରେ ବୃକ୍ଷରୋପଣର ମହତ୍ୱ ସମ୍ପର୍କିତ ଆଲୋଚନାଚକ୍ରରେ ଇକୋ କ୍ଲବ ଜିଲ୍ଲା ସଂଯୋଜକ ଶଙ୍କରନାରାୟଣ ବେଜ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏବିଇଓ ରାମଚନ୍ଦ୍ର ପଣ୍ଡାଙ୍କ ସୌଜନ୍ୟରେ ଏନର୍ଜି କ୍ଲବ ଓ ଜାତୀୟ ସବୁଜ ବାହିନୀ ପକ୍ଷରୁ ବୁଡ଼ଙ୍ଗପୁର ସ୍ଥିତ ସାନଖେମୁଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବି ଦୁର୍ଯ୍ୟୋଧନ ପାତ୍ର, ଶିକ୍ଷକ ଆର ରଘୁନାଥ ଦୋରା, ସରପଞ୍ଚ ଜାଗିଲି ସେଠୀ, ବନରକ୍ଷୀ ମନୋଜ ସେଠୀ, ବିଦ୍ୟାଳୟ ସଭାପତି ଏମ ସନ୍ତୋଷ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଆର୍ଯ୍ୟପଲ୍ଲୀରେ ହେବ ସ୍ମାର୍ଟ ଫିଶିଂ ହାର୍ବର

ଭୁବନେଶ୍ୱର, ୧୩।୭ (ବନ୍ଦନା ସେଠୀ)



ଗଞ୍ଜାମ ଜିଲା ଆର୍ଯ୍ୟପଲ୍ଲୀରେ ଏକ ସ୍ମାର୍ଟ ଫିସିଂ ହାର୍ବର ନିର୍ମାଣ ହେବ। ଏଠାରେ ଅତ୍ୟାଧୁନିକ ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ସ୍ଥାପନ ନେଇ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି ରଖିଛନ୍ତି। ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ତାମିଲନାଡୁର ମଦୁରାଇରେ ଆୟୋଜିତ ଦୁଇଦିନିଆ ଫିଶେରି ସମର ମିଟ୍– ୨୦୨୪ରେ ଯୋଗଦେଇ ଏହି ପ୍ରସ୍ତାବ ରଖିବା ସହ ଓଡ଼ିଶାରେ ମାଛ ଚାଷର ବିକାଶ ପାଇଁ ବିଭିନ୍ନ ଦିଗ ଉପରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଅସ୍ତରଙ୍ଗରେ ଥିବା ଫିଶିଂ ହାର୍ବର ପାଇଁ କେନ୍ଦ୍ର ଦେଇଥିବା ୮୨ କୋଟି ଟଙ୍କା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏଥିପାଇଁ ୧୮୦ କୋଟି ଟଙ୍କା ଅନୁଦାନ ଦେବାକୁ ମନ୍ତ୍ରୀ ଦାବି କରିଥିଲେ। ସେହିଭଳି ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ପାଇଁ ୨୦୨୩ରୁ କେନ୍ଦ୍ର ନିକଟରେ ଆବେଦନ କରାଯାଇଥିବା ୨ କୋଟି ଟଙ୍କା ତୁରନ୍ତ ଦିଆଯାଉ ବୋଲି ମନ୍ତ୍ରୀ କହିଥିଲେ। ମାଛ ଉତ୍ପାଦନ ଓ ବିକ୍ରି ପାଇଁ ରାଜ୍ୟରେ କ୍ଲଷ୍ଟର ନିର୍ମାଣ ଲାଗି କେନ୍ଦ୍ର ସରକାର ୪୮୦ କୋଟି ଟଙ୍କା ଘୋଷଣା କରିଥିଲେ। ରାଜ୍ୟରେ ଏବେ ମୋଟ ୩୧ଟି କ୍ଲଷ୍ଟର ସୁଚାରୁରୂପେ କାମ କରୁଥିବାବେଳେ ବକେୟା ଥିବା ୧୬୨ କୋଟି ଟଙ୍କାକୁ ତୁରନ୍ତ ଦେବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ଓଡ଼ିଶାରେ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବାରୁ ରାଜ୍ୟରେ ଏକ ଆଞ୍ଚଳିକ ମତ୍ସ୍ୟ ଗବେଷଣା କେନ୍ଦ୍ର ଖୋଲିବାକୁ ଦାବି କରାଯାଇଛି। ସେହିପରି ମାଛଚାଷୀ ଦଲାଲଙ୍କ ଦ୍ୱାରା ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଥିବାରୁ ଏନେଇ ଆଇନ ଆଣିବାକୁ ପ୍ରସ୍ତାବ ଦେଇଛନ୍ତି ମନ୍ତ୍ରୀ। ଓଡ଼ିଶାରେ ୪୮୦କି.ମି.ର ସୁଦୀର୍ଘ ବେଳାଭୂମି ରହିଥିବାବେଳେ ମାଛ ଚାଷ ପାଇଁ ପ୍ରାକୃତିକ ସମ୍ପଦ ଭରପୁର ମାତ୍ରାରେ ରହିଛି। ଉନ୍ନତ ପ୍ରାଣାଳୀରେ ମାଛଚାଷ କଲେ ଲାଭଜନକ ହେଉଥିବାରୁ ଏବେ ଗ୍ରାମ ଓ ସହରର ଯୁବ ଗୋଷ୍ଠୀ ଏଥିପ୍ରତି ଆକୃଷ୍ଟ ହେଉଥିବା ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଡାଏରିଂ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ସତ୍ୟପାଲ ସିଂହ ବାଘେଲ, ମତ୍ସ୍ୟ, ପଶୁପାଳନ ଓ ଡାଏରିଂ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନଙ୍କ ସମେତ ବିଭିନ୍ନ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ।

**କେନ୍ଦ୍ର ନିକଟରେ ପ୍ରସ୍ତାବ ରଖିଲେ ମନ୍ତ୍ରୀ ଗୋକୁଳାନନ୍ଦ**

# ଛାତ୍ରଙ୍କ ମୃତ୍ୟୁ ପରେ ଚକ୍ଷୁଦାନ

ଖଲ୍ଲିକୋଟ, ୧୩।୭ (ପ୍ରଶାନ୍ତ କୁମାର ମିଶ୍ର)



ତନ୍ମୟ ପରିଡ଼ା

ଖଲ୍ଲିକୋଟ ବ୍ଲକ କନ୍ହେଇପୁର ପଞ୍ଚାୟତ କନ୍ଦିଗାଁର ତ୍ରିନାଥ ପରିଡା ଓ ମାତା ଗୀତା ପରିଡାଙ୍କ ପୁଅ ତନ୍ମୟଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଚକ୍ଷୁଦାନ କରିଛନ୍ତି। ତ୍ରିନାଥଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ। ତନ୍ମୟ ଚିଲିକା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେହି ସ୍କୁଲରେ ଝିଅ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ। ସବୁଦିନ ଭଳି ଭାଇ ଭଉଣୀ ଗୁରୁବାର ପାଠପଢ଼ା ସାରି ଘରକୁ ଫେରିଲେ। କିନ୍ତୁ ଘରକୁ ଫେରିବା ପରେ ତନ୍ମୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାର ଲୋକେ ଶେଷରେ ତନ୍ମୟଙ୍କ ଚକ୍ଷୁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ସକାଳୁ ଡାକ୍ତରୀ ଟିମ ମୃତ ତନ୍ମୟଙ୍କ ଚକ୍ଷୁ ସଂଗ୍ରହ କରିଥିଲେ। ଏହାପରେ ଏକ ଆମ୍ବୁଲାନ୍ସ ଯୋଗେ ମରଶରୀରକୁ କନ୍ଦିଗାଁ ଅଣାଯାଇ ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ମୋ ପୁଅ ସିନା ଆମକୁ ଛାଡି ଚାଲିଗଲା, ହେଲେ ତା' ଚକ୍ଷୁରେ ଆଉ କେହି ଏଇ ଦୁନିଆ ଦେଖିବ ବୋଲି ବାପା ତ୍ରିନାଥ ପ୍ରକାଶ କରିଛନ୍ତି।

# ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦାବିରେ ଧାରଣା




ଧାରଣାରେ ବସିଥିବା ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟମାନେ।

ବାଲିଗୁଡ଼ା, ୧୩।୭ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର, ଟେକ୍ନିସିଆନ ପଦ ସାଙ୍ଗକୁ ଖାଲି ପଡ଼ିଥିବା ବିଭିନ୍ନ ପଦବୀ ପୂରଣ ଦାବିରେ ପଞ୍ଚାୟତ ଜନପ୍ରତିନିଧି ପରିଷଦ ପକ୍ଷରୁ ଶନିବାର ୬ ଘଣ୍ଟିଆ ଗଣଧାରଣା ଦିଆଯାଇଥିଲା। ଏହି ସମସ୍ୟାର ସମାଧାନ ନିମନ୍ତେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ବାଧ୍ୟହୋଇ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଗଲା ବୋଲି ପରିଷଦ ସଭାପତି ପ୍ରତାପ ମଲ୍ଲିକ କହିଛନ୍ତି।

ବାଲିଗୁଡ଼ା ବ୍ଲକର ୧୪ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ଅନ୍ୟ ସଦସ୍ୟମାନେ ଏକତ୍ରିତ ହୋଇ ସକାଳ ୭ରୁ ୧୫ ଦଫା ଦାବି ନେଇ ହାତରେ ଫ୍ଲାକ୍ କାର୍ଡ ଧରି, ବିଭିନ୍ନ ସ୍ଲୋଗାନ୍ ଦେଇ ସମସ୍ୟାର ସମାଧାନ ପାଇଁ ଉପଖଣ୍ଡ ଚିକିତ୍ସାଳୟ ଫାଟକ ନିକଟରେ ଧାରଣାରେ ବସିଥିଲେ। ଉପଖଣ୍ଡ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ବିଭାଗ, ଚକ୍ଷୁ ବିଭାଗ, ଶଲ୍ୟ ବିଭାଗ ସମେତ ୪୦ ଡାକ୍ତର ପଦବୀ ଖାଲିପଡ଼ିଥିବା ବେଳେ ଅଲଟ୍ରାସାଉଣ୍ଡ ସେବା ସବୁବେଳେ ଯୋଗାଇବା ସହ ଖାଲିଥିବା ଟେକ୍ନିସିଆନ ପଦବୀ ପୂରଣ, ଆନୁଷଙ୍ଗିକ ସାମଗ୍ରୀ ଯୋଗାଇବା ପାଇଁ ଦାବି କରିଛନ୍ତି। ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦେବା ପରେ ଏକ ଶୋଭାଯାତ୍ରାରେ ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଧାରଣାରେ ପଞ୍ଚାୟତ ଜନପ୍ରତିନିଧି ପରିଷଦ ସଭାପତି ପ୍ରତାପ ମଲ୍ଲିକ, ସମ୍ପାଦକ ଅଶୋକ ମଲ୍ଲିକ, ପରମାନନ୍ଦ ନାୟକ, ଜାନକୀ କହଁର, ଉପଦେଷ୍ଟା ଅଭିରାମ ରାଣା, ଅନସୂୟା ପ୍ରଧାନ, ସରିତା ମଲ୍ଲିକ, ପ୍ରତିମା ଦିଗାଳ, ରଞ୍ଜିତ ଦିଗାଳ ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ବିଭାଗର ସମୀକ୍ଷା କଲେ ମନ୍ତ୍ରୀ



ସମୀକ୍ଷା ବୈଠକରେ ମନ୍ତ୍ରୀଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ।

ଗୋପାଳପୁର, ୧୩।୭ (ନବୀନ ରାଜ ଆଚାରୀ)

ରାଜ୍ୟ ଖଣି ଇସ୍ପାତ ଓ ପରିବହନ, ବାଣିଜ୍ୟ ମନ୍ତ୍ରୀ ବିଭୁତି ଭୂଷଣ ଜେନା ରଙ୍ଗେଇଲୁଣ୍ଡା ବ୍ଲକ ଗସ୍ତ କରି ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି । ସହକାରୀ ଯନ୍ତ୍ରୀ ସମୀର ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ବିଡ଼ିଓ ଅଂଶୁମାନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଗଣତନ୍ତ୍ରରେ ନିର୍ବାଚିତ ପ୍ରତନିଧିମାନେ ଉପକ୍ଷିତ ନ ହୁଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ବିଇଓ ଦେବେନ୍ଦ୍ର ବେହେରା ଯୋଜନା ସମ୍ପର୍କରେ କହିଥିଲେ। ବ୍ଲକରେ କେତୋଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି, କେତୋଟି ଉଚ୍ଚ ବିଦ୍ୟାଳୟ ଅଛି, କେତୋଟି ବାଳିକା ଉଚ୍ଚ ବିଦ୍ୟାଳୟ ଅଛି ଓ କେତୋଟି ଶିକ୍ଷକ ପଦବୀ ଖାଇଲି ଅଛି ବିଇଓଙ୍କୁ ମନ୍ତ୍ରୀ ପ୍ରଶ୍ନ କରିଥିଲେ। କିନ୍ତୁ ବିଇଓ ଉତ୍ତର ଦେଇ ପାରିନଥିଲେ। ସେହିପରି ବ୍ଲକ କୃଷି ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମାଭୁକ୍ତ କେତୋଟି ପଞ୍ଚାୟତ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଥିବା ବେଳେ ଅଧିକାରୀ କହିପାରିନଥିଲେ । ବୈଠକରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ଅନେକ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ନ ଥିଲେ । ତେବେ ନିୟମିତ ବୈଠକ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରଙ୍ଗେଇଲୁଣ୍ଡା ସିଡ଼ିପିଓ ଜ୍ୟୋସ୍ନା ପାଢ଼ୀ, ରୂପକ ରଞ୍ଜନ ସାମନ୍ତରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ନାୟକ, ପଞ୍ଚାନନ ପ୍ରଧାନ, ବିଏସ୍ଏସ୍ଓ ଲକ୍ଷ୍ମୀ ନୃସିଂହ ପଟ୍ଟନାୟକ, ଯଯାତି ପାତ୍ର, ଶଙ୍କର ନାୟକ, ଅଜୟ ଦାସ, ସୁନୀଲ ପାତ୍ର, ଜଗମୋହନ ପାତ୍ର, ଗଙ୍ଗା ପାତ୍ର, ବାଲ୍ୟ ରାମଦଳେଇ, ରାଜେଶ ସାହୁ, ଟୁନା ଜେନା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଚାରାରୋପଣ, ସ୍ୱଚ୍ଛତା ସଚେତନତା

ଆସିକା, ୧୩।୭ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ହରିଡାପଦର ପଞ୍ଚାୟତ କୁମ୍ଭାରୀ ଗ୍ରାମସ୍ଥିତ ବୈଦ୍ୟ ରଘୁନାଥ ବିଦ୍ୟାପୀଠରେ ଗୁରୁବାର ଆଇଓସିଏଲ ପକ୍ଷରୁ ଚାରାରୋପଣ ଓ ସ୍ୱଚ୍ଛତା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶେଷଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଓସିଏଲର ବ୍ରହ୍ମପୁର ଅପରେଶନ ମ୍ୟାନେଜର ତୋଫାନ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ଚକ୍ରଧର ସାମଲ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କ୍ଷମାସାଗର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଔଷଧୀୟ ଓ ଛାୟା ପ୍ରଦାନକାରୀ ଚାରାରୋପଣ କରାଯାଇଥିଲା। ଆସିକା ବଣିକ ସଂଘ ପକ୍ଷରୁ କଳିଙ୍ଗାରୋଡ଼ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଚାରାରୋପଣ ହୋଇଥିଲା । ସଂଘର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ନିମ୍ବ, ଅଁଳା ଚାରା ରୋପଣ କରାଯିବା ସହ ସଚେତନ କରିବା ଲାଗି ନିବେଦନ କରାଯାଇଥିଲା ।

### ନିଖୋଜ ବୃଦ୍ଧାଙ୍କ ମୃତଦେହ ଜବତ

ଗଞ୍ଜାମ, ୧୩।୭ (ବିଦ୍ୟାଧର ସାହୁ)

ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ବ୍ଲକ ଅନ୍ତର୍ଗତ ଅଗସ୍ତି ନୂଆଗାଁ ପଞ୍ଚାୟତର ବଡ ନୋଳିଆ ନୂଆଗାଁ ଗ୍ରାମର ଏ.ଆଙ୍କାମ୍ମା (୬୮)ଙ୍କ ମୃତଦେହ ଶନିବାର କାଜୁ ଜଙ୍ଗଲରୁ ଜବତ କରାଯାଇଛି। ଗତ ୧୧ ତାରିଖରୁ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇ ଆଉ ଫେରିନଥିଲେ। ଶନିବାର ମଧ୍ୟାହ୍ନରେ କେତେଜଣ ଲୋକ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ବୃଦ୍ଧାଙ୍କ ମୃତଦେହ ପଡ଼ିଥିବା ଦେଖି ଗଞ୍ଜାମ ଥାନାଧିକାରୀ ସୁମିତ୍ରା ପାତ୍ରଙ୍କୁ ଜଣାଇଥିଲେ। ଏସଡିପିଓ ଗୌରହରି ସାହୁ, ଥାନାଧିକାରୀ ସୁମିତ୍ରା ପାତ୍ରଙ୍କ ସମେତ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବାରହା ଆକ୍ରମଣ ଦ୍ୱାରା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ବନ ବିଭାଗ, ପୋଡ଼ାପଦର ରାଜସ୍ୱ ନିରୀକ୍ଷକଙ୍କୁ ଘଟଣା ସ୍ଥଳକୁ ଡାକି ଆଲୋଚନା କରିଥିଲେ । ପରିବାର ଲୋକ ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଏମକେସିଜି ମେଡିକାଲକୁ ପଠାଇଛି।

# ବ୍ୟବସାୟୀଙ୍କଠୁ ଲୁଟ୍ ଘଟଣାରେ ଜଣେ ଗିରଫ

ଛତ୍ରପୁର, ୧୩।୭ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

**ବିପୁଳ ସୁନା, ରୁପା ଅଳଙ୍କାର ଜବତ**

ସୁନା ଓ ରୁପା ଅଳଙ୍କାର ବ୍ୟବସାୟୀଙ୍କ ଠାରୁ ଲୁଟ ଘଟଣାରେ ଚମାଖଣ୍ଡି ପୋଲିସକୁ ସଫଳତା ମିଳିଛି । ଏହି ଘଟଣାରେ ସମ୍ପୃକ୍ତ ଆସିକା କରାତଳି ଗ୍ରାମର ଏ ଶିବଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୭୮ ଗ୍ରାମ ସୁନା, ୧୧କେଜି ୬୦୦ ଗ୍ରାମ ରୁପା ଅଳଙ୍କାର ଜବତ କରାଯାଇଛି। ଏଥି ସହିତ ପୋଲିସ ଗୋଟିଏ ଗାଡ଼ି ଜବତ କରିଛି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ମଙ୍ଗଳବାର ପୁରୁଷୋତ୍ତମପୁର ଅଞ୍ଚଳର ସୁନା ବ୍ୟବସାୟୀ ସୁରେନ୍ଦ୍ର ସେନାପତି ନିଜ ସ୍କୁଟିରେ ସୁନା ଓ ରୁପା ଅଳଙ୍କାର ବ୍ୟାଗ ରଖି ଚମାଖଣ୍ଡି ଥାନା ବଡ଼କୁଶସ୍ଥଳିରେ ଏକ ଦୋକାନକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ଦୁଇଜଣ ସ୍କୁଟିରେ ଟଙ୍ଗାଯାଇଥିବା ବ୍ୟାଗକୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟବସାୟୀଜଣଙ୍କ ଥାନାରେ ଏତଲା ଦେଇଥିଲେ। ସିସିଟିଭି କ୍ୟାମେରା ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଆସିକା ପୋଲିସର ସହାୟତାରେ ଏ. ଶିବାଙ୍କୁ ଚମାଖଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ଅଳଙ୍କାରକୁ ପୋଲିସ ବ୍ୟବସାୟୀଙ୍କୁ ହସ୍ତାନ୍ତର କରିଛି।

# ଡିଭାଇଡର ଅଧାପନ୍ତରିଆ, ବଢୁଛି ଅସନ୍ତୋଷ

ବୁଗୁଡ଼ା, ୧୩।୭ (କାଳିଚରଣ ଦାଶ)

ବୁଗୁଡ଼ା ସହରର ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ଅଧାପନ୍ତରିଆ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା। ତେବେ କେବଳ ମଦନ ମୋହନ ଛକଠାରୁ ସିନେମା ହଲ୍ ଛକ ଯାଏ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ହାଇସ୍କୁଲ ଛକଠାରୁ ବଡ଼ଶଙ୍ଖ ଯାଏ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ସୁଦ୍ଧା ତାହା ଆଜି ଯାଏ କାର୍ଯ୍ୟକାରୀ ହୋଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ସଂକୀର୍ଣ୍ଣତା ଯୋଗୁ ଡିଭାଇଡର ହୋଇପାରୁ ନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ଯାଏ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ପାଇଁ ଦାବି ହେଉଛି।

# ଘୋଡାହାଡ଼ ଡ୍ୟାମରେ ବୃଷ୍ଟି ଯଜ୍ଞ ପାଇଁ ପ୍ରସ୍ତୁତି

ଦିଗପହଣ୍ଡି, ୧୩।୭ (ଅଶେଷନାଥ ମିଶ୍ର)

ଦିଗପହଣ୍ଡି ନିକଟ ଘୋଡ଼ାହାଡ଼ ଡ୍ୟାମ ପରିସରରେ ଥିବା ଶ୍ରୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ଆସନ୍ତା ମଙ୍ଗଳବାର ବୃଷ୍ଟି ଯଜ୍ଞ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାପତି ରମେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଦିଗପହଣ୍ଡି ସ୍ଥିତ ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ସଭାଗୃହରେ ଚାଷୀ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘୋଡାହାଡ ଡ୍ୟାମର ଉପର ମୁଣ୍ଡରେ ବର୍ଷା ଅଭାବ ଯୋଗୁଁ ଡ୍ୟାମରେ ବର୍ତ୍ତମାନ ପାଣି ନାହିଁ । ଅନ୍ୟପକ୍ଷରେ ଦିଗପହଣ୍ଡିରେ ମୌସୁମୀ ବର୍ଷା ହେବା ଯୋଗୁଁ ଚାଷୀମାନେ ବର୍ତ୍ତମାନ ଧାନ ତଳି ପକାଉଛନ୍ତି। ଘୋଡାହାଡ ଡ୍ୟାମରେ ପାଣି ଭର୍ତ୍ତି ହେଲେ ଚାଷକାର୍ଯ୍ୟ ପାଇଁ ଡ୍ୟାମରୁ ପାଣି ଛଡାଯିବ। ଏହି ପରିପ୍ରେକ୍ଷୀରେ ଘୋଡାହାଡ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ ବର୍ଷାକୁ ଆହ୍ୱାନ ଓ ଇନ୍ଦ୍ର ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଘୋଡାହାଡ ପ୍ରକଳ୍ପ ଠାରେ ବୃଷ୍ଟି ଯଜ୍ଞ ଅନୁଷ୍ଠିତ ହେବ ବୋଲି ବୈଠକରେ ଚାଷୀମାନଙ୍କୁ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଘୋଡାହାଡ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ଏ. ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ଇଂ. କ୍ଷୀରୋଦ ବେହେରା, ପାଣି ପଞ୍ଚାୟତ କମିଟି କାର୍ଯ୍ୟକର୍ତ୍ତା ବିଭୁତି ଭୁଷଣ ମହାପାତ୍ର, କିଶୋର ଚନ୍ଦ୍ର ସର୍ଦ୍ଦାର, ସହଦେବ ରେଡ୍ଡୀ, ରାମନାଥ ବିଷୋୟୀ, ସମ୍ପାଦକ କିର୍ତ୍ତୀଚନ୍ଦ୍ର ଗୌଡ଼, ସୁବାସ ପ୍ରଧାନ ଓ ଏନ.ଦଣ୍ଡ ପାତ୍ର ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ, ସଙ୍କଟରେ ପିଲାଙ୍କ ଭବିଷ୍ୟତ

ବୁଗୁଡ଼ା, ୧୩।୭ (କାଳିଚରଣ ଦାଶ)

ବୁଗୁଡାର ପୂରାତନ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପିଲାଙ୍କ ପାଠପଢା ଏବେ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି। ଯାହା ପିଲାଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ମନରେ ଘୋର ଚିନ୍ତା ଘାରିଛି।

ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଯାଏ ୫ଟି ଶ୍ରେଣୀରେ ପଢୁଥିବା ମୋଟ ୩୧୨ ଜଣ ଛାତ୍ରୀଙ୍କ ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକଙ୍କ ସମେତ ମାତ୍ର ୬ ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ବର୍ତ୍ତମାନ ଥିବା ବେଳେ ଏହି ବିଦ୍ୟାଳୟରେ ଗତ ୬ ସେପ୍ଟେମ୍ବର ୨୦୨୧୦ାରୁ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ସାଙ୍ଗକୁ ଟିଜିଟି ଅର୍କସେର ୨ଟି, ଟିଜିଟି ସିବିଜେଡ୍ ୧ଟି, ଟିଜିଟି ପିସିଏମ୍ ୧ଟି, ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଛି। ୧୯୬୪ରେ ସ୍ଥାପିତ ବୁଗୁଡ଼ା ଅଞ୍ଚଳର ସର୍ବ ପୂରାତନ ଏହି ବାଳିକା ଉଚ୍ଚ ବିଦ୍ୟାଳୟରେ ୧୨ ଜଣ ପରିବର୍ତ୍ତେ ୬ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହୁଥିବାରୁ ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ କାମଚଳା ପାଠପଢା ଚାଲିଥିବା ବେଳେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଙ୍କ ପାଠପଢାରେ ଘୋର ଅସୁବିଧା ହେଉଛି। ଶିକ୍ଷକ ଅଭାବ ଯୋଗୁ ପ୍ରତ୍ୟେକ ଶ୍ରେଣୀରେ କୋତୋଟି ପିରିଅଡ୍ ପଢାଯାଉଥିବା ବେଳେ ଅନ୍ୟ କେତେକ ପିରିଅଡ ଖାଲି ରହୁଛି। ଏଥିସହ ନବମ ଓ ଦଶମ ଶ୍ରେଣୀରେ ଯଥାକ୍ରମେ ୮୮ ଓ ୯୨ ଜଣ ଛାତ୍ରୀ ଥିଲେ ସୁଦ୍ଧା କୌଣସି ସେକ୍ସନ ନଥିବାରୁ ପାଠ ପଢାରେ ଅସୁବିଧା ହେଉଛି।

ଏ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ହିନ୍ଦୀ ଓ ସଂସ୍କୃତ ପଢାଇବାକୁ କେହି ଶିକ୍ଷକ ନଥିବାରୁ ଏସବୁ ବିଷୟରେ ଛାତ୍ରୀମାନେ ଦୁର୍ବଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆର୍ଥିକ ବୋଝରୁ ମୁକୁଳିବା ପାଇଁ ଅଭିଭାବକମାନେ ବିଭିନ୍ନ ବେସରକାରୀ ବିଦ୍ୟାଳୟରୁ ନିଜ ନିଜ ପିଲାଙ୍କୁ ଆଣି ଏଠି ନାମ ଲେଖାଉଥିବା ବେଳେ ଏଠାକାର ଶିକ୍ଷକ ମରୁଡି ପରିସ୍ଥିତି ଯୋଗୁ ସେମାନେ ମହରଗରୁ ଆସି କାନ୍ତାରରେ ପଡିଛନ୍ତି ବୋଲି କ୍ଷୋଭ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଶିକ୍ଷକ ମରୁଡି ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା କଥାକୁ ସ୍ୱୀକାର କରିବା ସହ ଏହି ବିଦ୍ୟାଳୟ ପାଇଁ ଗଣିତ, ବିଜ୍ଞାନ ଓ ସଂସ୍କୃତ ଆଦି ତିନୋଟି ବିଷୟର ଶିକ୍ଷକ ପଦବୀ ପୂରଣ ପାଇଁ ମଞ୍ଜୁରି ମିଳିଥିବା ବେଳେ ହିନ୍ଦୀ ବିଷୟ ଅଧାପନା ପାଇଁ ଡେପୁଟେସନରେ ଜଣଙ୍କୁ ପ୍ରେରଣ କରିବାକୁ ଆବେଦନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି। ତେବେ ଏହି ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାକୁ ଦୂର କରିବାକୁ ସାଧାରଣରେ ଦାବି ହେଉଛି।

# ଘରେ ପଶି ଆକ୍ରମଣ; ଜଣେ ମୃତ, ୨ ଆହତ

ଆସିକା, ୧୩।୭ (ସୁରେନ୍ଦ୍ରନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଏନ୍ଏସିର ତାଲୁକା ରୋଡ୍‌ରେ ଶନିବାର ଜଣେ ଯୁବକଙ୍କ ଆକ୍ରମଣରେ ଗୋଟିଏ ପରିବାର ମୁଖ୍ୟଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଆହତ ହୋଇଛନ୍ତି। ମୃତକ ହେଲେ ଉଦୟନାଥ ମୁନି (୬୨) । ଆହତମାନେ ହେଲେ ଉଦୟଙ୍କ ସ୍ତ୍ରୀ ମମତା (୫୧) ଓ ଝିଅ ପ୍ରଣତି (୨୩)। ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆକ୍ରମଣ ପରେ ଯୁବକ ଜଣକ ଘରର ଛାତ ଉପରକୁ ଯାଇ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀଙ୍କୁ ମଧ୍ୟ ପଥର ଫିଙ୍ଗିଥିଲେ । ଖବର ପାଇ ଆସିକା ପୋଲିସ ପହଞ୍ଚି ସଂପୃକ୍ତ ଯୁବକଙ୍କୁ କାବୁ କରିଛି । ଯୁବକ ଜଣକ ପୂର୍ବରୁ ସେହି ସାହିର ଅନ୍ୟ ଦୁଇ ତିନୋଟି ଘରେ ମଧ୍ୟ ପଶିବାକୁ ଉଦ୍ୟମ କରୁଥିଲେ । କିନ୍ତୁ ପଶି ନ ପାରିବାରୁ ବାହାରୁ ଫୁଲକୁଣ୍ଡ ଓ ଆସବାବପତ୍ର ଭଙ୍ଗାରୁଜା କରିଥିଲେ।

ପ୍ରକାଶ ଯେ, ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଉଦୟ ପରିବାର ସହ ଘରେ ଥିଲେ। ଏହି ସମୟରେ ସମ୍ପୃକ୍ତ ଯୁବକ ଜଣକ ଘରେ ପଶି ପ୍ରଥମ ବଖରାରେ ବସିଥିବା ଉଦୟଙ୍କ ମୁହଁ ଓ ମୁଣ୍ଡକୁ ପଥରରେ ଆକ୍ରମଣ କରିଥିଲେ। ତାପରେ ଘର ଭିତରକୁ ପଶି ଅନ୍ୟ ବଖରାରେ ଥିବା ମା' ଓ ଝିଅଙ୍କୁ ମଧ୍ୟ ଟଣା ଓଟରା କରିବା ସହ ପଥରରେ ମାଡ ମାରିଥିଲେ। ପରିସ୍ଥିତିରେ ଅସହାୟ ଅନୁଭବ କରି ଉଦୟଙ୍କ ସ୍ତ୍ରୀ ଘର ବାହାରକୁ ଆସିବା ଲାଗି ଉଦ୍ୟମ କଲାବେଳେ ଚେତା ଶୂନ୍ୟ ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ଉଦୟ ପଡିଥିବା ଦେଖିଥିଲେ। ଉଦୟ ଏବଂ ତାଙ୍କ ପତ୍ନୀ ଓ ଝିଅଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଉଦୟଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । କେଉଁ ପରିସ୍ଥିତିରେ ଯୁବକ ଜଣକ ଏଭଳି କାଣ୍ଡ ଭିଆଇଲେ ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ କବଜାରେ ରହିଥିବା ଅଭିଯୁକ୍ତଙ୍କୁ ଜେରା ପରେ ଏହି ଘଟଣାର କାରଣ ଜଣାପଡ଼ିବ ବୋଲି କୁହାଯାଇଛି।



ଆକ୍ରମଣରେ ଆହତ ମାଆ ଓ ଝିଅ।

